# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04th October - 2024

### News Editor : *Itishree Singh Rathuar*

***********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପ୍ରଦାନ କରିବେ ପି.ଏମ୍. କିଷାନ ଯୋଜନାର ୧୮ତମ କିସ୍ତି ।

- ଭୂମିହୀନମାନଙ୍କୁ ସରକାର ୪ ଡିସିମିଲ୍ ଲେଖାଏଁ ଜମି ଯୋଗାଇଦେବେ; କହିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

- ଗ୍ରାମାଞ୍ଚଳକୁ ସଂଯୋଗ କରିବାପାଇଁ ୫ ଶହଟି ନୂତନ ସେତୁ ନିର୍ମାଣ କରିବେ ରାଜ୍ୟ ସରକାର ।

ଏବଂ

- ପୁରୀରେ କାର୍ତ୍ତିକ ବ୍ରତପାଇଁ ହବିଷ୍ୟାଳୀଙ୍କ ଲାଗି ଆସନ୍ତା ରବିବାରଠାରୁ ଆରମ୍ଭ ହେବ ଅନ୍‌ଲାଇନ୍ ପଞ୍ଜୀକରଣ ।

***Desk***

# ପି.ଏମ୍. - କିଷାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ମହାରାଷ୍ଟ୍ରର ୱାସିମ୍‌ରୁ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୧୮ତମ କିସ୍ତି ପ୍ରଦାନ କରିବେ । ଏହି ଅବସରରେ ଦେଶର ୯ କୋଟି ୪୦ ଲକ୍ଷ କୃଷକ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯିବ । ସେହିଭଳି ରାଜ୍ୟର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟ୍‌କୁ ଏହି ଅର୍ଥରାଶି ପ୍ରେରଣ କରାଯିବ । ପି.ଏମ୍. କିଷାନ କିସ୍ତି ବଣ୍ଟନ ଲାଗି ଜିଲ୍ଲା ସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ସୂଚନା ଅନୁସାରେ, ୨୦୧୯ ମସିହା ଫେବୃୟାରୀ ୨୪ ତାରିଖରେ ପି.ଏମ୍. କିଷାନ ଯୋଜନାର ଶୁଭାରମ୍ଭ ହୋଇଥିଲା । ଏଥିରେ ଚାଷୀମାନଙ୍କୁ ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କା ଦିଆଯିବା ବ୍ୟବସ୍ଥା ରହିଛି ।

***BBSR/R***

# ଭୂମିହୀନ - ଜମି ଯୋଗାଣ

ରାଜ୍ୟରେ ଥିବା ଭୂମିହୀନ ଲୋକଙ୍କୁ ସରକାର ୪ ଡିସିମିଲ୍ ଲେଖାଏଁ ଜମି ଯୋଗାଇ ଦେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଜମି ଯୋଗାଣ ନିମନ୍ତେ ସର୍ଭେକ୍ଷଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଯେଉଁ ଲୋକ ସାଧାରଣ ଜମି ସହ ଜଙ୍ଗଲ ଜମିକୁ ଜବରଦଖଲ କରି ରଖିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜବରଦଖଲକାରୀଙ୍କଠାରୁ ଜମି ମୁକ୍ତ କରାଯାଇ ଭୂମିହୀନ ଲୋକଙ୍କୁ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

*IPR*

## ସଡ଼କ ସଂଯୋଗୀକରଣ

ଗ୍ରାମାଞ୍ଚଳରେ ସଡ଼କ ସଂଯୋଗୀକରଣ ସାମାଜିକ ତଥା ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି । ଭୁବନେଶ୍ୱରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଜାତୀୟସ୍ତରୀୟ ସେତୁ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଗ୍ରାମାଞ୍ଚଳକୁ ସଂଯୋଗ କରିବାପାଇଁ ୫ ଶହଟି ନୂତନ ସେତୁ ନିର୍ମାଣ ପାଇଁ ଯୋଜନା ରଖିଛନ୍ତି । ସେହିଭଳି ନିର୍ମିତ ଏବଂ ନିର୍ମାଣାଧୀନ ସେତୁଗୁଡ଼ିକରେ ଜଳ ସଂରକ୍ଷଣପାଇଁ ବନ୍ଧରା ପ୍ରକଳ୍ପମାନ ନିର୍ମାଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସେ ସେତୁ ନିର୍ମାଣ କାର୍ଯ୍ୟରେ ସୁରକ୍ଷା ଓ ନିରାପତ୍ତାକୁ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ୨୫ଟି ରାଜ୍ୟର ୨ ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଛନ୍ତି ।

*IPR*

# ଗ୍ରାମୀଣ ସାମଗ୍ରୀ

ରାଜ୍ୟର ଗ୍ରାମୀଣ କାରିଗରଙ୍କଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଉଚ୍ଚକୋଟୀର । ଆଗାମୀ ଦିନରେ ଏହିସବୁ ସାମଗ୍ରୀର ରପ୍ତାନୀ ଓ ଅନ୍‌ଲାଇନ୍ ମାର୍କେଟିଂ ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି । ଭୁବନେଶ୍ୱର କୃଷିଭବନ ପ୍ରେକ୍ଷାଳୟରେ ଆୟୋଜିତ ଓର୍‌ମାସ୍ ପକ୍ଷରୁ ଆୟୋଜିତ ଦୁଇଦିନିଆ ରପ୍ତାନୀ ଓ ଇ-କମର୍ସ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ଇ-ମାର୍କେଟିଂ ମାଧ୍ୟମରେ ଗ୍ରାମୀଣ କାରିଗରମାନେ ଲାଭାନ୍ୱିତ ହେବା ସହ ଅନ୍ତର୍ଜାତୀୟ ବଜାରରେ ସାମଗ୍ରୀଗୁଡ଼ିକର ଚାହିଦା ବୃଦ୍ଧି ପାଇବ । ଏ ଦିଗରେ ଉତ୍ପାଦଗୁଡ଼ିକର ଗୁଣବତ୍ତା, ପ୍ୟାକେଜିଂ, ବ୍ରାଣ୍ଡିଂ ଆଦିକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଓର୍‌ମାସ ଏବଂ ୪ଟି ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏଥିରେ ଓର୍‌ମାସ୍‌ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଙ୍ଗଠନ, ଗୋଷ୍ଠୀ ଓ ଉଦ୍ୟୋଗ ଆଦିଦ୍ୱାରା ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡ଼ିକର ପ୍ରଦର୍ଶନୀ ଆୟୋଜିତ ହୋଇଛି ।

*Boudh/R*

## ସରକାରୀ ଯୋଜନା - ସମୀକ୍ଷା

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଜିଲ୍ଲାସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ବୈଠକରେ ହିତାଧିକାରୀମାନେ ସେମାନଙ୍କ ଇ-କେ.ୱାଇ.ସି. ଅପଡେଟ୍ କରିବା, ଅନ୍ତ୍ୟୋଦୟ ଯୋଜନାରେ ନୂତନ ହିତାଧିକାରୀଙ୍କୁ ସାମିଲ୍, କଳାବଜାରୀ ରୋକିବା, କୃଷକମାନଙ୍କୁ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ, ସାଧାରଣ ବଣ୍ଟନ ବ୍ୟବସ୍ଥାର ସଠିକ୍ ପରିଚାଳନା ଆଦି ବିଷୟରେ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ ।

*Desk*

## ହବିଷ୍ୟାଳୀ ପଞ୍ଜୀକରଣ

ପୁରୀରେ ଚଳିତ ବର୍ଷ କାର୍ତ୍ତିକ ମାସରେ ହବିଷ୍ୟାଳୀମାନଙ୍କ ବ୍ରତପାଇଁ ଆସନ୍ତା ରବିବାର ଦିନଠାରୁ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହେବ। ଏ ସମ୍ପର୍କରେ ଆଜି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଆସନ୍ତା ୧୮ ତାରିଖରୁ ହବିଷ୍ୟାଳୀମାନଙ୍କ ବ୍ରତ ଆରମ୍ଭ ହେଉଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତିକୁ ଚୁଡାନ୍ତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ

ନିର୍ଦ୍ଦେଶ ଦିଆଯାଇଛି । ସେମାନଙ୍କ ରହଣି ସହ ପ୍ରାତଃରୁ ବୃନ୍ଦାବତୀ ପୂଜା, ଶ୍ରୀମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି । ସେ କହିଛନ୍ତି, ଆବେଦନକାରୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଥିବା ଆବଶ୍ୟକ । ସୂଚନା ଅନୁସାରେ, ହବିଷ୍ୟାଳୀମାନଙ୍କ ପାଇଁ ପଞ୍ଜୀକରଣ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଚଳିତ ବର୍ଷ ହବିଷ୍ୟାଳୀ ଯୋଜନାରେ ୨ ହଜାର ୫ ଶହ ଜଣ ପଞ୍ଜୀକରଣ କରିପାରିବେ । ଏଥିପାଇଁ edistrict.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ପଞ୍ଜୀକରଣ ହେବ ।

***IPR***

# ଭାଷା-ସଂସ୍କୃତି ବୈଠକ

ରାଜ୍ୟର ଆଞ୍ଚଳିକ ଭାଷା, ପାରମ୍ପରିକ ଜୀବନଶୈଳୀ, ଲୋକକଳା, ସଙ୍ଗୀତ, ନୃତ୍ୟ, ଜନଜାତି ସମ୍ପ୍ରଦାୟର ସଂସ୍କୃତିକୁ ସଂରକ୍ଷଣ କରିବା ଏବଂ ଏହାର ବହୁଳ ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଜି ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ : ସଂସ୍କୃତି ଓ ଐତିହ୍ୟର ଭିଜନ ଡକୁମେଣ୍ଟ ପ୍ରସ୍ତୁତି ନିମନ୍ତେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିକଶିତ ଓଡ଼ିଶା ଓ ଭାରତ ନିର୍ମାଣ ଦିଗରେ ଭିଜନ ଡକୁମେଣ୍ଟ ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ

ବ୍ୟକ୍ତିବିଶେଷ ଯୋଗଦେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ପୂରଣ ନିମନ୍ତେ ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ଯୋଗଦାନ ସମ୍ପର୍କରେ ମତାମତ ଦେଇଥିଲେ । ଓଡ଼ିଆ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ’ ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବାରେ ବିଭାଗ ସର୍ବଦା କାର୍ଯ୍ୟରତ ବୋଲି ମତପ୍ରକାଶ କରିଥିଲେ ।

***Boudh/R***

# ଯକ୍ଷ୍ମା ଟିକାକରଣ

ବୌଦ୍ଧ ଜିଲ୍ଲାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଆଜି ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର ଯୋଗଦେଇ ବି.ସି.ଜି. ଟିକା ନେବାପାଇଁ ଜିଲ୍ଲାରେ ୮୨ ହଜାର ଯୋଗ୍ୟ ହିତାଧିକାରୀ ରହିଥିବା କହିଛନ୍ତି । ଆଗାମୀ ଦୁଇ ମାସ ମଧ୍ୟରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ୍ୟ ହିତାଧିକାରୀଙ୍କୁ ଟିକାକରଣ କରାଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି ।

*Kandhamal/R*

# ଦାରିଙ୍ଗିବାଡ଼ି - କାଶ୍ମୀର କାଫେ

କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ିଠାରେ ପର୍ଯ୍ୟଟକ ଓ ପଥଚାରୀଙ୍କ ସୁବିଧା ନିମନ୍ତେ ରାଜ୍ୟ ସରକାର ଜାତୀୟ ରାଜପଥ କଡ଼ରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ କାଶ୍ମୀର କାଫେ ଉଦ୍‌ଘାଟନ କରିଛନ୍ତି । ଓଡିଶା ଜୀବିକା ମିଶନ ସହାୟତାରେ ଏହାର ପରିଚାଳନା ନିମନ୍ତେ ଦାରିଙ୍ଗିବାଡ଼ି କାଶ୍ମୀର ଫେଡେରେସନ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

*Sambalpur/R*

# ସମାବର୍ତ୍ତନ ଉତ୍ସବ

ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ - ଭିମ୍‌ସାର ଛାତ୍ରସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଆୟୋଜିତ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ୍‌ ଯୋଗଦେଇ ଚିକିତ୍ସାସେବା କ୍ଷେତ୍ରରେ ଭୀମ୍‌ସାର୍‌ର ଛାତ୍ରଛାତ୍ରୀମାନେ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଛନ୍ତି ।

***Baragarh/R***

# ନବରାତ୍ର - ଦୁର୍ଗାପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ମା' ଜଗତଜନନୀ ଦୁର୍ଗାଙ୍କର ନବରାତ୍ର ପୂଜା। ରାଜ୍ୟର ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି। ବରଗଡ଼ ଜିଲ୍ଲାର ପମୁଖ ଶକ୍ତିପୀଠଗୁଡ଼ିକରେ ଷୋଳପୂଜା ଏବଂ ନବରାତ୍ର ପୂଜା ଆଧାତ୍ମିକ ପରିବେଶ ମଧ୍ୟରେ ଚାଲିଛି । ଏ ସମ୍ପର୍କରେ ଆମ ବରଗଡ଼ ସମ୍ବାଦଦାତା ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ରିପୋର୍ଟ....

***Voice :.............***

*****Desk*

# ବିଶ୍ୱ ପ୍ରାଣୀ ଦିବସ

ପୃଥିବୀରେ ସନ୍ତୁଳନ ଏବଂ ବିବିଧତା ବଜାୟ ରଖିବାପାଇଁ ପ୍ରାଣୀମାନଙ୍କ ସୁରକ୍ଷା ନିମନ୍ତେ ଆଜି ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରାଣୀ ଦିବସ ପାଳନ କରାଯାଉଛି । ଏହି ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ

ବାର୍ତ୍ତାରେ ପ୍ରାଣୀସମ୍ପଦ ପ୍ରତି ସମ୍ବେଦନଶୀଳ ହୋଇ ପୃଥିବୀକୁ ସୁନ୍ଦର ଭାବେ ଗଢ଼ିତୋଳିବା ଲାଗି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

ପ୍ରାଣୀସମ୍ପଦର ସୁରକ୍ଷାପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ସରକାରଙ୍କ ପକ୍ଷରୁ ନୂତନ ଗୋଶାଳା ପ୍ରତିଷ୍ଠା ନିମନ୍ତେ ୫୨ ଲକ୍ଷ ଟଙ୍କା, ପଞ୍ଜିକୃତ ଗୋଶାଳାକୁ ବାର୍ଷିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା, ଜିଆଖତ ଉତ୍ପାଦନ ଯୋଜନାରେ ପ୍ରତି ଗୋଶାଳାକୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଏବଂ ବୁଲା ଓ ଅସହାୟ ପ୍ରାଣୀଙ୍କ ଜରୁରୀକାଳୀନ ଚିକିତ୍ସା ପାଇଁ ଆନିମଲ୍ ହେଲ୍ପ୍ ଲାଇନ୍ ସେବା ଆରମ୍ଭ କରାଯାଇଛି ।

***Desk***

## ହକି ଇଣ୍ଡିଆ

ସାତ ବର୍ଷ ପରେ ପୁଣି ଥରେ ହକି ଇଣ୍ଡିଆ ଲିଗ୍ - ଏଚ୍.ଆଇ.ଏଲ୍.ର ଆୟୋଜନ ହେବ । ୨୦୨୪-୨୫ ସଂସ୍କରଣ ଆସନ୍ତା ଡିସେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଛି । ୮ଟି ପୁରୁଷ ଓ ୬ଟି ମହିଳା ଟିମ୍ ଏଥିରେ ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ଦଳରେ ଓଡ଼ିଶା ଭାଗନେବ । ପୁରୁଷ ଦଳର ମ୍ୟାଚ୍ ରାଉରକେଲା ଓ ମହିଳା ଦଳର ମ୍ୟାଚ୍ ରାଞ୍ଚିରେ ଖେଳାଯିବ ବୋଲି ଜଣାପଡ଼ିଛି ।

# ଫୁଟ୍‌ବଲ୍

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ୬୩ତମ ଆନ୍ତଃଜିଲ୍ଲା ପୁରୁଷ ଫୁଟ୍‌ବଲ୍ ପ୍ରତିଯୋଗିତାର ଆଜି ସେମିଫାଇନାଲ୍ ମ୍ୟାଚ୍‌ରେ ବରଗଡ଼ ଦଳ ରାଉରକେଲାକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି । ଆସନ୍ତା ରବିବାର ବରଗଡ଼ ଓ ମୟୂରଭଞ୍ଜ ମଧ୍ୟରେ ବାରିପଦା ଷ୍ଟାଡିୟମ୍‌ଠାରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

*****